# ବଡ଼ଚଣାର ସଙ୍କେତ

୦୪/୦୯/୨୦୦୩

**ଆମ ଘରର ହାଲ୍‌ଚାଲ୍**

**ସୌମ୍ୟରଂଜନ ପଟ୍ଟନାୟକ**

ଓଡ଼ିଆରେ ପ୍ରବାଦ ଅଛି 'ଭାତହାଣ୍ଡିରୁ ଗୋଟିଏ ଚିପିଲେ ଜଣାପଡ଼େ'। ସେହି ନ୍ୟାୟରେ ବଡ଼ଚଣା ବ୍ଲକ୍‌ରେ ଇନ୍ଦିରା ଆବାସ ଆବଣ୍ଟନରେ ଦେଖା ଦେଇଥିବା ଜାଲିଆତି ଓ ଦୁର୍ନୀତିକୁ ଦେଖିଲେ ନବୀନବାବୁଙ୍କର ଦୁର୍ନୀତି ବିରୋଧୀ ଅଭିଯାନ ପଛରେ କେତେ ଯେ ଆନ୍ତରିକତା ଅଛି, ତାହା ସହଜରେ ଅନୁମାନ କରିହେବ। ସରକାରୀ ହିସାବ କହୁଛି ବଡ଼ଚଣା ବ୍ଲକ୍‌ର ସମୁଦାୟ ବାସଗୃହ ସଂଖ୍ୟା ହେଲା ୪୦ ହଜାର ୫୧୬। କିନ୍ତୁ ଗତ ବନ୍ୟା ଓ ବାତ୍ୟା ଯୋଗୁଁ ଯେଉଁମାନଙ୍କୁ ଘରଭଙ୍ଗା ସାହାଯ୍ୟ ଦିଆଗଲା ସେମାନଙ୍କର ସଂଖ୍ୟା ହୋଇଗଲା ୪୭ ହଜାରରୁ ଅଧିକ। ସରକାର ନିୟମ କଲେ ଯେ, ଯେଉଁମାନଙ୍କୁ ଘରଭଙ୍ଗା ସାହାଯ୍ୟ ମିଳିଥିବ ଏବଂ ବିପିଏଲ୍ ତାଲିକାରେ ଯେଉଁ ପରିବାରମାନଙ୍କର ନାଁ ଥିବ, ସେହିମାନଙ୍କ କଥା ଇନ୍ଦିରା ଆବାସ ବଣ୍ଟନ ବେଳେ ବିଚାରକୁ ନିଆଯିବ। ସରକାରୀ ହିସାବରେ କୁହାଯାଉଛି ଯେ, ବଡ଼ଚଣା ବ୍ଲକ୍‌ରେ ବିପିଏଲ୍ ତାଲିକାଭୁକ୍ତ ହୋଇଥିବା ପରିବାର ସଂଖ୍ୟା ପ୍ରାୟ ୨୩ ହଜାର ୯୮୧। ପୁଣି ସରକାରୀ ନିୟମ ଅଛି, ହୁଡ୍‌କୋରୁ ଯେଉଁମାନେ ଗୃହ ନିର୍ମାଣ ପାଇଁ ଋଣ ନେଇଥିବେ କିମ୍ବା ପୂର୍ବରୁ ଇନ୍ଦିରା ଆବାସ ଯୋଜନାର ହିତାଧିକାରୀ ହୋଇଥିବେ ସେମାନଙ୍କୁ ନୂଆ ଇନ୍ଦିରା ଆବାସ ମିଳିବ ନାହିଁ। ଅତଏବ ୨୩ ହଜାର ୯୮୧ଟି ପରିବାର ମଧ୍ୟରୁ ପୁରୁଣା ଇନ୍ଦିରା ଆବାସ ପାଇଥିବା ଏବଂ ହୁଡ୍‌କୋରୁ ଗୃହ ନିର୍ମାଣ ପାଇଁ ଋଣ ନେଇଥିବା ପରିବାରମାନଙ୍କୁ ବାଦ ଦେଇ ନୂଆ ଇନ୍ଦିରା ଆବାସ ଆବଣ୍ଟନ କରାଯିବ। ଏ ପର୍ଯ୍ୟନ୍ତ ସରକାର ପ୍ରାୟ ୧୯ ହଜାର ଇନ୍ଦିରା ଆବାସ ବାଣ୍ଟି ସାରିଲେଣି। ପୁରୁଣା ହିତାଧିକାରୀ ଓ ହୁଡ୍‌କୋ ଋଣୀଙ୍କ ସଂଖ୍ୟାକୁ ଏଥିରେ ମିଶାଇଲେ ବିପିଏଲ୍ ତାଲିକା ସଂଖ୍ୟା ୨୩,୯୮୧ରୁ ଅଧିକ ଅଧିକ ହୋଇଯାଉଛି। ପୁଣି ଆହୁରି ୫ ହଜାର ବିପିଏଲ୍ ତାଲିକାଭୁକ୍ତ ପରିବାର ଅଭିଯୋଗ କରିଛନ୍ତି ଯେ, ସେମାନଙ୍କୁ ଜାଣିଶୁଣି ରାଜନୈତିକ ଆକ୍ରୋଶ ରଖି ଇନ୍ଦିରା ଆବାସ ଦିଆଯାଉନାହିଁ। ଯେଉଁମାନେ ଅବା ଇନ୍ଦିରା ଆବାସର ପ୍ରଥମ କିସ୍ତି ପାଇଛନ୍ତି ତାଙ୍କୁ ଦ୍ୱିତୀୟ ଓ ତୃତୀୟ କିସ୍ତି ଦିଆଯାଉନାହିଁ।

ଏହା କି ପ୍ରକାର ଗଣିତ? ହାଇସ୍କୁଲର ମେଧାବୀ ଛାତ୍ର ସିନା ଏ ଗଣିତ ବୁଝିପାରିବ ନାହିଁ, ଆମେ କିନ୍ତୁ ଭଲ ଭାବରେ ବୁଝିପାରୁଛୁ। ଅବସ୍ଥା ଏପରି ହୋଇଛି ପ୍ରତି ଇନ୍ଦିରା ଆବାସ ପିଛା ୨୦୦୦ରୁ ୫୦୦୦ ଟଙ୍କା ପର୍ଯ୍ୟନ୍ତ ହାତଗୁଞ୍ଜା, ପାନଖିଆ ଖର୍ଚ୍ଚକୁ ଆଉ କେହି ଧେଳା କରୁନାହାନ୍ତି। ବିପିଏଲ୍ ତାଲିକାରେ ନାମ ନ ଥାଇ କୋଠା ଘରର ମାଲିକ ହୋଇ ଟେଲିଫୋନ ଆଦି ବ୍ୟବହାର କରୁଥିବା ସମ୍ପନ୍ନ ପରିବାରକୁ ଯଦି ଖାଲି ଖାଲିରେ ୨୨ ହଜାର ଟଙ୍କା ମିଳିଯିବ ତାହା ହେଲେ ୨/୫ ହଜାର ଟଙ୍କା ହାତଗୁଞ୍ଜା ଦେଇ କ୍ଷମତାସୀନ ଦଳର ନେତାମାନଙ୍କର ସ୍ତାବକ ସାଜିବାକୁ କିଏ ବା କାହିଁକି ଅମଙ୍ଗ ହେବ? ଏପରି କି ଅନେକ ସରକାରୀ କର୍ମଚାରୀମାନେ ମଧ୍ୟ ଏଭଳି ଇନ୍ଦିରା ଆବାସ ଜାଲିଆତି କରି ନେଇଥିବାର ସୂଚନା ମିଳୁଛି। ଆମେ ହିସାବରୁ ଅନୁମାନ କରୁଛୁ ଯେ, ଇନ୍ଦିରା ଆବାସ ଆବଣ୍ଟନରେ କେବଳ ବଡ଼ଚଣା ବ୍ଲକ୍‌ରେ ପ୍ରାୟ ୪୦ କୋଟି ଟଙ୍କାର କାରବାର ହୋଇଛି। ଏଥିରୁ ୧୦ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରାଜନୈତିକ ନେତା, ପ୍ରଶାସକ ଓ ସେମାନଙ୍କର ପାଖ ଲୋକଙ୍କ ଅସାଧୁ ମେଣ୍ଟ ଫଳରେ ହଡ଼ପ ହୋଇଛି। ସ୍ପଷ୍ଟ ଦିବାଲୋକରେ ଏବଂ ସର୍ବସାଧାରଣଙ୍କ ଗୋଚରରେ ଏଭଳି ସଂଗଠିତ ଡକାୟତିର ନଜିର ହୁଏତ ଅତୀତରେ ଖୋଜିଲେ ବି ମିଳିବ ନାହିଁ। ଏହା କିପରି ସମ୍ଭବ ହେଲା? ଏ ଅଭିଯୋଗ ଆସିବା ପରେ ବ୍ଲକ୍‌ର ବିଡିଓଙ୍କୁ ନିଲମ୍ବିତ କରାଯାଇଛି। ଏହା ଧର୍ମକୁ ଆଖିଠାର ନୁହେଁ ତ ଆଉ କ'ଣ? କେବଳ କ'ଣ ବିଡିଓ ମହାଶୟ ଏକାକୀ କୋଟି କୋଟି ଟଙ୍କା ହଡ଼ପ କରିନେଲେ, ଆଉ କେହି କିଛି ଜାଣିପାରିଲେ ନାହିଁ କି କିଛି କରିପାରିଲେ ନାହିଁ? ପଞ୍ଚାୟତ ନିର୍ବାଚନ ସମୟରେ ନବୀନବାବୁଙ୍କର ଏକ ଲୋକପ୍ରିୟ ସ୍ଲୋଗାନ ଥିଲା 'ତୁମେ ସବୁ ପଞ୍ଚାୟତ ଜଗ, ମୁଁ ଭୁବନେଶ୍ୱର ସଚିବାଳୟ ଜଗୁଛି।' ନବୀନବାବୁ ଭୁବନେଶ୍ୱରର ସଚିବାଳୟକୁ କେମିତି ଜଗିଛନ୍ତି ଏବଂ ଉଚ୍ଚସ୍ତରୀୟ ଦୁର୍ନୀତିର କିପରି ମୁକାବିଲା କରୁଛନ୍ତି ତାହା ତ ଆମେ ଦେଖୁଛୁ। ଏକାଧିକ ବରିଷ୍ଠ ପଦାଧିକାରୀଙ୍କ ବିରୋଧରେ ବହୁ ଗୁରୁତର ଦୁର୍ନୀତି ଅଭିଯୋଗଗୁଡ଼ିକ କ୍ଷେତ୍ରରେ ସେ କେବଳ ଅନୁସନ୍ଧାନ କରିବା ପାଇଁ ନିର୍ଦ୍ଦେଶ ଦେଇ 'ଟଙ୍କେ ଗଲେ ବାର ହାତ' ନ୍ୟାୟରେ ସମୟ ଗଡ଼େଇ ଚାଲିଛନ୍ତି। ନିର୍ଦ୍ଦିଷ୍ଟ ଅଭିଯୋଗ ପ୍ରମାଣିତ ହୋଇଗଲା ପରେ ମଧ୍ୟ ପୁଣି ଅନୁସନ୍ଧାନର ଅପେକ୍ଷା କାହିଁକି? ବ୍ଲକ୍ ଏବଂ ପଞ୍ଚାୟତ ସ୍ତରରେ ଏପରି ଅଭୂତପୂର୍ବ ଲୁଣ୍ଠନ ଏବଂ ଡକାୟତି କରିବା ପାଇଁ ଦଳୀୟ କର୍ମୀମାନେ ସାହସ ପାଇଲେ କେଉଁଠୁ? ଅସଲ କଥାଟି ହେଲା ବାତ୍ୟା ସମୟରେ କଂଗ୍ରେସ ସରକାର ଥିଲା। ତତ୍କାଳୀନ କଂଗ୍ରେସ ସରକାରର ଦୁର୍ନୀତି ଏବଂ ଥଇଥାନ କାର୍ଯ୍ୟକ୍ରମରେ ଅପାରଗତାକୁ ଆଳ କରି ବିଜେଡି-ବିଜେପିର ନେତାମାନେ କ୍ଷମତାକୁ ଆସିଲେ। କ୍ଷମତାକୁ ଆସିବା ପରେ କ୍ଷମତାନ୍ଧ ଦଳୀୟ ନେତାମାନେ ଆଉ ମଣିଷ ମାନିଲେ ନାହିଁ। ମନ୍ତ୍ରୀ ବିଧାୟକଙ୍କ ପୃଷ୍ଠପୋଷକତାରେ ବାତ୍ୟାର ବାହାନାରେ ଏଭଳି ହରିଲୁଟ ଚାଲିଲା ଯେ, ତା' ବିରୋଧରେ ସ୍ୱର ଉତ୍ତୋଳନ କରିବାକୁ ମଧ୍ୟ କେହି ସାହସ କଲେନାହିଁ। ନିର୍ବାଚନରେ କଂଗ୍ରେସ ବିରୋଧରେ ଏବଂ ନବୀନଙ୍କ ନେତୃତ୍ୱ ସପକ୍ଷରେ ଯେଉଁଭଳି ଅଭୂତପୂର୍ବ ଜନସମର୍ଥନ ମିଳିଲା, ସେ ଦୃଷ୍ଟିରୁ ପ୍ରଶାସକମାନେ ମେଣ୍ଟ ସରକାରର କୁଜି ନେତାମାନଙ୍କର ହାତବାରିସି ସାଜିବାକୁ ଅଧିକ ନିରାପଦ ମଣିଲେ। ଯଦି ବଡ଼ଚଣାର ଆଜି ଏ ଅବସ୍ଥା ତାହାହେଲେ ଏରସମା ଆଉ ହିଞ୍ଜିଳିରେ ଆଉ କ'ଣ ନ ହେଉଥିବ? ଭାବିଲେ ଦୁଃଖ ଲାଗୁଛି ଯେ ବଡ଼ଚଣା ଦିନେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବକୃଷ୍ଣ ଚୌଧୁରୀଙ୍କ ନିର୍ବାଚନମଣ୍ଡଳୀ ଥିଲା। ନବକୃଷ୍ଣବାବୁ ସାମଗ୍ରିକ ଜୀବନରେ ସ୍ୱଚ୍ଛତାକୁ ସର୍ବାଧିକ ଗୁରୁତ୍ୱ ଦେଉଥିଲେ। ସେଥିପାଇଁ ସେ ମୁଖ୍ୟମନ୍ତ୍ରୀତ୍ୱ ତ୍ୟାଗ କରିବାକୁ କୁଣ୍ଠାବୋଧ କରି ନ ଥିଲେ। ଆଜି ଇନ୍ଦିରା ଆବାସ ଦୁର୍ନୀତି ପରିପ୍ରେକ୍ଷୀରେ ବଡ଼ଚଣା ଆମକୁ କି ସଙ୍କେତ ଦେଉଛି? ଏହା ନିଶ୍ଚିତ ଭାବରେ ଆମ ଓଡ଼ିଶା ପାଇଁ ଶୁଭଙ୍କର ନୁହେଁ।